



# ଆଜିଠୁ ବିଶ୍ୱପ୍ରସିଦ୍ଧ ମାଘମେଳା

## ସନ୍ଧ୍ୟା ୫ଟାରେ ଜଳିବ ଖଡ଼ଦୀପ

ଢେଙ୍କାନାଳ,୩୦।୧(ରତନ ନାୟାର)

ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ପୀଠ ଢେଙ୍କାନାଳ ଜିଲାର ଯୋରନ୍ଦାଠାରେ ପ୍ରସିଦ୍ଧ ମାଘମେଳା ଶନିବାରଠାରୁ ଆରମ୍ଭ ହେଉଛି । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଚଳିତବର୍ଷ ସନ୍ଧ୍ୟା ୫ଟାରେ ଖଡ଼ଦୀପ ପ୍ରଜ୍ୱଳିତ ହେବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ନେପାଳ, ଗୁଜରାଟ, ଆସାମ, ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ ଆଦି ରାଜ୍ୟରୁ ମହିମା ସାଧୁ ସନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଚଳିତବର୍ଷ ମାଘମେଳା ୧୫୩ ବର୍ଷରେ ପଦାର୍ପଣ । ସେହିପରି ମହିମା ସ୍ୱାମୀଙ୍କ ଆବିର୍ଭାବର ୨୦୦ ବର୍ଷ ପୂର୍ତ୍ତି ହୋଇଥିବା ମହିମା କୋଡ଼ିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥଙ୍କ ସୂଚନାରୁ ଜଣାପଡ଼ିଛି । ପ୍ରସିଦ୍ଧ ମାଘମେଳା ଅବସରରେ ମହିମା ପୀଠରେ ଗାଦି ମନ୍ଦିର, ବଟ ମନ୍ଦିର, ଧୁନି ମନ୍ଦିର ଓ ଶୂନ୍ୟ ମନ୍ଦିର ଆଦିରେ ଖଡ଼ଦୀପ ପ୍ରଜ୍ୱଳିତ ହେବ । ସମଗ୍ର ବିଶ୍ୱ ଓ ଜୀବଜଗତର ମଙ୍ଗଳ କାମନା ପାଇଁ ମହିମା ସାଧୁ ସନ୍ୟାସୀ ଓ ଶ୍ରଦ୍ଧାଳୁମାନେ ଘୃତାହୁତି କରିବେ । ଚଳିତବର୍ଷ ମେଳା ଅବସରରେ ୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋରନ୍ଦା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କରିବେ ବୋଲି ଜଣାପଡ଼ିଛି । ମାଘମେଳା ସାଙ୍ଗକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ତତ୍ପରତା ପ୍ରକାଶ ପାଇଛି । ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର ଯୋରନ୍ଦାରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି । ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚଳିତବର୍ଷ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ଜଣ ଅତିରିକ୍ତ ଏସ୍‌ପି, ୫ଜଣ ଡିଏସ୍‌ପି, ୧୬ଜଣ ଇନ୍ସପେକ୍ଟର, ଏସ୍‌ଆଇ ଓ ଏଏସ୍‌ଆଇ ମିଶି ୬୦ଜଣ ଏବଂ ୧୪ ପ୍ଲାଟୁନ ପୋଲିସ ଫୋର୍ସ ମେଳା ପାଇଁ ମୁତୟନ ହେବେ । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନଜରରେ ରଖି ୧୫ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ହେବେ । ଏତଦବ୍ୟତୀତ ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସନ୍ଧାନୀ କୁକୁର, ମେଟାଲ ଡିଟେକ୍ଟର ଓ ସିସିଟିଭି କ୍ୟାମେରା ବ୍ୟବସ୍ଥା ସମେତ ଆଣ୍ଟି ଡକାୟତି ସ୍କ୍ୱାର୍ଡ ମଧ୍ୟ ମୁତୟନ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି ।



ମହିମାପୀଠ ଯୋରନ୍ଦା।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମହିଳା ଏସ୍‌ପିଙ୍କ ଦ୍ୱାରସ୍ଥ



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ମହିଳାମାନେ।

## ପରିବା ବ୍ୟବସାୟୀଙ୍କୁ ଆକ୍ରମଣ ମାମଲା

ଢେଙ୍କାନାଳ,୩୦।୧(ରତନ ନାୟାର)

ଢେଙ୍କାନାଳ ସହର ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଦୀପୁନ ପ୍ରଧାନ ନାମକ ଜଣେ ପରିବା ବ୍ୟବସାୟୀଙ୍କୁ ଗତ ୨୬ ତାରିଖ ଦିନ ମରଣାନ୍ତକ ଆକ୍ରମଣ ଘଟଣାର କୌଣସି ଅଭିଯୁକ୍ତଙ୍କୁ ବର୍ତ୍ତମାନ ସୁଦ୍ଧା ପୋଲିସ ଗିରଫ କରିପାରିନାହିଁ । ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଉକ୍ତ ଅଞ୍ଚଳର ଜ୍ୟୋତ୍ସ୍ନା ପ୍ରଧାନ, ମାଳତୀ ପ୍ରଧାନ, ସ୍ୱର୍ଣ୍ଣମୟୀ ପ୍ରଧାନ, ରଶ୍ମିତା ପ୍ରଧାନ, ମମି ସାହୁ, ସେଫାଳି ସାହୁ, ସାବିତ୍ରୀ ପ୍ରଧାନ, ବନିତା ସାହୁ ଓ ଜ୍ୟୋସ୍ନା ନାୟକଙ୍କ ସମେତ ବହୁ ମହିଳା ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଅଭିଯୁକ୍ତମାନେ ଗିରଫ ହୋଇନଥିବା ବେଳେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ମହିଳାମାନେ ଅଭିଯୋଗରେ ଦର୍ଶାଇଛନ୍ତି ।

# ମଧୁସୂଦନ ରାଓଙ୍କ ଜୟନ୍ତୀ ପାଳିତ

ଢେଙ୍କାନାଳ,୩୦।୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପାଦ ଦେଶରେ ଥିବା ଶ୍ରୀଜଗନ୍ନାଥ ମଠ ପରିସରରେ ସ୍ୱାମୀ ରାମଶରଣ ବାବାଙ୍କ ତତ୍ତ୍ୱାବଧାନରେ କବିଭୂଷଣ ସ୍ମୃତି ସଂସଦ ପକ୍ଷରୁ ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ସଂସଦର ଅଧ୍ୟକ୍ଷ ଶଙ୍କର୍ଷଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମଠର ତତ୍ତ୍ୱାବଧାରକ ସ୍ୱାମୀ ବୈରାଗ୍ୟାନନ୍ଦ, ସମ୍ମାନିତ ଅତିଥି ଭାବେ ସାହିତ୍ୟ ଏକାଡେମୀ ପୂର୍ବତନ ସଭ୍ୟ କବି ବାହାଦୂର ପାଟସାହାଣୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅତିରିକ୍ତ ସଚିବ ତପନ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବିଶିଷ୍ଟ ବଂଶୀବାଦକ ଗଗନ ବିହାରୀ ନନ୍ଦଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ବିଶିଷ୍ଟ ନୃତ୍ୟଶିଳ୍ପୀ ରୁନା ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. କବିତା ମହାନ୍ତି କବିତା ପାଠ ଉତ୍ସବକୁ ସଂଯୋଜନା କରିଥିଲେ । ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ ଏକକ ଚିତ୍ର ପ୍ରଦର୍ଶନୀ କରିଥିଲେ । ଡ. ପ୍ରମୋଦ କୁମାର ନାୟକ, ଡ. ସମୀର କୁମାର ସାହୁ, କବି ଗୋଲକ ବେହେରା, ଆଲୋକ ଦାସ, ମୈତ୍ରୟୀ ଶୁଭଦା, ମନୋଜ ମଞ୍ଜରୀ ଦାସ, କ୍ଷୀରୋଦ କୁମାର ନାୟକ, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ମାକ୍ଷିତ ମାମି ମହାପାତ୍ର, ସୁମିତାରାୟ ପଟ୍ଟନାୟକ, ଯୁବକବି କାଳନ୍ଦୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ପରେଶଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ



ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

ଢେଙ୍କାନାଳ,୩୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ ଚିରୁଲେଇସ୍ଥିତ ଚାଚାଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ରୋହିତ କୁମାର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁଦର୍ଶନ ସରକାରୀ ବିଦ୍ୟାଭବନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଦେହୁରୀ, ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍‌ର ସଭାପତି ହରିହର ସାହୁ ଉପସ୍ଥିତ ହୋଇ ଛାତ୍ରୀଛାତ୍ରମାନଙ୍କୁ ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ପ୍ରଦାନ ସହିତ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱନାଥ ମାଝୀ, ପରିଚାଳନା ପରିଷଦର ସଭାପତି ଯୁଧିଷ୍ଠିର ରାଉତ, ସାମାଜିକ କର୍ମୀ ରୋହିତ ବେହେରା ଉପସ୍ଥିତ ଥିଲେ। ନବୋଦୟ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଙ୍କୁ ସମ୍ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ଉତ୍ସବରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ରୀନାବତି ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ନାୟକ, ଶିକ୍ଷୟିତ୍ରୀ ମଞ୍ଜୁଲତା ବିଶ୍ୱାଳ, ଲଳିତା ଭୋଇ, ନିହାରିକା ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ୱାର୍କର ୟୁନିୟନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଢେଙ୍କାନାଳ,୩୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ାଠାରେ ନର୍ଭେରାମ ୱାର୍କର ୟୁନିୟନ କାର୍ଯ୍ୟାଳୟ ବୁଧବାର ଉଦଘାଟିତ ହୋଇଯାଇଛି । ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଏକ ଶ୍ରମିକ ୟୁନିୟନ ଗଠନ ହୋଇ ଏହି କାର୍ଯ୍ୟାଳୟ ଖୋଲାଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ କମ୍ପାନୀର ପ୍ଲାଣ୍ଟ ପରିଚାଳକ ଅନନ୍ତ କୁମାର ମିଶ୍ର ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏଜିଏମ୍ ସ୍ୱରୁପ କୁମାର ନାୟକ ଯୋଗ ଦେଇଥିଲେ । ଏଥିରେ ନୂତନ ଭାବେ ଗଠିତ ନର୍ଭେରାମ ୱାର୍କର ୟୁନିୟନ ସଭାପତି କାର୍ତ୍ତିକ କୁମାର ସାହୁ, ସାଧାରଣ ସମ୍ପାଦକ ସରୋଜ କୁମାର ମଲ୍ଲିକ, ଉପସଭାପତି ଦୁଷ୍ମନ୍ତ ବେହେରା ଓ ଶେଖ ମୋଜାର, ସମ୍ପାଦକ ଅସଫାକ୍ ଅଲ୍ଲୀ, କୋଷାଧ୍ୟକ୍ଷ ଅଭୟ କୁମାର ସାହୁ ଉପସ୍ଥିତ ଥିଲେ । ଶ୍ରମିକମାନଙ୍କର ସମସ୍ୟାକୁ ସମାଧାନ କରାଯିବା ସହ ଉଦ୍ଦିଷ୍ଟ ସୁବିଧା ସୁଯୋଗକୁ ପ୍ରାଧାନ୍ୟ ଦିଆଯିବ ବୋଲି ସଭାପତି କହିଥିଲେ ।



ୟୁନିୟନର ସଦସ୍ୟମାନେ ।

# କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ

ଗଁନ୍ଦିଆ,୩୦।୧(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁନ୍ଦିଆସ୍ଥିତ କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଶେଖର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କ ଦ୍ୱାରା ବିବେକାନନ୍ଦଙ୍କ ମୂର୍ତ୍ତି ଅନାବରଣ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ସ୍ତମ୍ଭ ଘର ପ୍ରଫେସର ନିରଞ୍ଜନ ପାଢୀ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ଭିତରେ ଯୁକ୍ତ ୩ ବେସରକାରୀ ଅନୁଦାନ ପ୍ରାପ୍ତ ୬୬୨ କଲେଜ୍ ସଂଘର ସମ୍ପାଦକ ଡ. ଗଗନ ବେଉରାୟ, ନିଖିଳ ଓଡ଼ିଶା ବେସରକାରୀ ଅନୁଦାନ ପ୍ରାପ୍ତ ୬୬୨ କଲେଜ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଜନାବ ସତପୁଦ୍ଦିନ ମହମ୍ମଦ, ଭୁବନ ମହିଳା ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ଦାସ, ରାଜା ମଧୁସୂଦନ ସ୍ନାତକ ମହାବିଦ୍ୟାଳୟ ପଟିଆ ଅଧ୍ୟକ୍ଷ ଡ. ପ୍ରଶାନ୍ତ ରାଉତ, ସାମାଜିକ କର୍ମୀ ସତ୍ୟବାନ ପାତ୍ର ଓ ସମରେନ୍ଦ୍ର ଶତପଥୀ ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ । କଲେଜ ଅଧ୍ୟକ୍ଷ ଗୋଲକ ନାୟକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା ।

# ବସନ୍ତ ମହୋତ୍ସବ ପ୍ରସ୍ତୁତି ବୈଠକ




ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ ।

କାମାକ୍ଷାନଗର, ୩୦।୧ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଦିନମଣୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବକୁ ଖୁବ ଧୁମଧାମରେ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଚଳିତ ମହୋତ୍ସବର ନାମ କାମାକ୍ଷାନଗର ଉପଖଣ୍ଡ ବସନ୍ତ ମହୋତ୍ସବ ରଖିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ମହୋତ୍ସବରେ ଉପଖଣ୍ଡର ୪ଟି ବ୍ଲକର ଅଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ୨ଟି ଏନଏସିର ଅଧ୍ୟକ୍ଷ, ନିର୍ବାହୀ ଅଧିକାରୀ ମିଳିମିଶି ମହୋତ୍ସବକୁ ସଫଳ କରାଇବା ପାଇଁ ଦୁଇ ବିଧାୟକ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ଖାଦ୍ୟମେଳା ଆଦି ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତି ବୈଠକରେ ତାରିଖ ସ୍ଥିର ହେବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସ୍ଥିର ହେବାକୁ ନିଷ୍ପତ୍ତି ହୋଇଥିଲା। ସହକାରୀ ଜିଲାପାଳ ତଥା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ପୁରୀ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଆଦିତ୍ୟ ବାହିନୀ ମହାସଚିବ ମାତୃପ୍ରସାଦ ମିଶ୍ର, ଜିଲା ଭାଜପା ସଭାପତି ରାସବିହାରୀ ବେହେରା, ବିଡିଓ ପ୍ରଭୂକଲ୍ୟାଣ ଦାସ, କାମାକ୍ଷାନଗର ତହସିଲଦାର ଶୁଭଙ୍କର ମହାନ୍ତି, ଭୁବନ ତହସିଲଦାର ଅନିଲ ମହାନ୍ତି, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଦିଗମ୍ବର ସାହୁଙ୍କ ସମେତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ପିଏମ୍‌ଶ୍ରୀ ଧଳପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଓଡ଼ାପଡ଼ା, ୩୦।୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ପିଏମ୍‌ଶ୍ରୀ, ଧଳପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୨୯ ତାରିଖରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ନୟାଭାଗିରଥିପୁର ସମିତି ସଭ୍ୟା ସୁମତୀ ନାଏକ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ହିନ୍ଦୋଳ ବିଧାୟିକା ସିମାରାଣୀ ନାୟକ ଯୋଗଦେଇ ବିଦ୍ୟାଳୟର ମହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ କୁମାର ସର, ଏମଜିଏମ କାରଖାନା ଏଚଆର୍ ଅମିତ ଅବିନାଶ ଜେନା ଓ ବିଜୟ କୁମାର ସାହୁ, ଶିକ୍ଷାବିତ ତଥା ପୁରାତନ ଛାତ୍ର ସଂସଦ ସଭାପତି ରଜନୀକାନ୍ତ ରଥ, ସଭ୍ୟ, ହୃଦାନନ୍ଦ ଦିବେଦୀ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଗିରିଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ଖେଳକୁଦ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ବାର୍ଷିକ ଉତ୍ସବକୁ ଉଦଘାଟନ କରୁଛନ୍ତି।

# ଭୁବନରେ ହିନ୍ଦୁ ସମ୍ମିଳନୀ

ଭୁବନ, ୩୦।୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ଶୁକ୍ରବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ କଳସ ଯାତ୍ରା ଓ ପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସନାତନ ଧର୍ମକୁ ବଞ୍ଚାଇ ରଖିବା ସହିତ ହିନ୍ଦୁମାନେ ସଂଗଠିତ ହୋଇ ରହିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବକ୍ତା ଭାବେ ଜଗନ୍ନାଥ ମନ୍ଦିର ପରିଷଦ ସଦସ୍ୟ ମହେଶ ସାହୁ ଓ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଦିତ୍ୟ ବାହିନୀ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ବକ୍ତା ଭାବେ ଯୋଗଦେଇ ସନାତନ ଧର୍ମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସଂଯୋଜକ ହୃଦାନନ୍ଦ ବେହେରାଙ୍କ ସହିତ ସହ ସଂଯୋଜକ ରାମଚନ୍ଦ୍ର ରାଉତ, ରବୀନ୍ଦ୍ର କୁମାର ସାହୁ, ନିରଞ୍ଜନ ଗୁରୁ, ଖଣ୍ଡ ସଙ୍ଘ ଚାଳକ ପ୍ରଭାତ କୁମାର ପଟ୍ଟନାୟକ, ହିନ୍ଦୁ ସମ୍ମିଳନୀ ଜିଲା ସଂଯୋଜକ ଦେବବ୍ରତ ପୃଷ୍ଟି ଯୋଗଦେଇଥିଲେ । ଭୁବନ ଖଣ୍ଡ ବ୍ୟବସ୍ଥା ପ୍ରମୁଖ ଜଗବନ୍ଧୁ ବିହାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବଣସିଂହ ଅନନ୍ତ ଆଶ୍ରମର ବାର୍ଷିକ ଯଜ୍ଞ

ଢେଙ୍କାନାଳ,୩୦।୧(ରତନ ନାୟାର)




ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହସ୍ଥିତ ଶ୍ରୀ ଗୁରୁ ଅନନ୍ତ ଆଶ୍ରମ ଜାତୀୟ ସର୍ବୋଦୟ ସମିତିର ବାର୍ଷିକ ଯଜ୍ଞ ଆଶ୍ରମ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନ ୨ଟାରେ ପରମାତ୍ମାଙ୍କ କଳିଯୁଗ ପୁନଃଅବତାର ପ୍ରଭୁ ସଦାନନ୍ଦ ଜୀଙ୍କର କୃପାଲାଭ କରିଥିବା କାରଣରୁ ଇଂ. ଦେବାଶିଷ ହୋତା ଜୀବ-ଆତ୍ମା-ପରମାତ୍ମା ତତ୍ତ୍ୱଜ୍ଞାନ ସମ୍ପର୍କରେ ଶ୍ରଦ୍ଧାଳୁମାନଙ୍କୁ ସମ୍ୟକ ଧାରଣା ପ୍ରଦାନ କରିଥିଲେ । ଯୁଗନେତା ସତ୍ୟବାଦୀ ଶତପଥୀ ନିଜକୁ କେବେହେଲେ ଗୁରୁ କହିନାହାନ୍ତି । ସେ ସର୍ବଦା ନିଜକୁ ଛାତ୍ର ବୋଲି କହିଛନ୍ତି । ସେ ଭଲ ଭାବେ ଜାଣିଥିଲେ, ଗୁରୁ ହିଁ କେବଳ ଭଗବାନ । ତେଣୁ ବର୍ତ୍ତମାନ ପୃଥିବୀରେ ନିଜକୁ ଏବଂ ନିଜ ଝିଅପୁଅକୁ ଗୁରୁ କରାଇ ଭଗବାନ ବୋଲାଉଥିବା ତଥାକଥିତ ମଣିଷ ଶରୀରଧାରୀମାନେ ସମସ୍ତଙ୍କୁ କେବଳ ଭୁଆଁ ବୁଲାଉଛନ୍ତି ବୋଲି ଇଂ ଦେବାଶିଷ ହୋତା କହିଥିଲେ । ଅପରାହ୍ନ ୫ଟାରେ ପଞ୍ଚରଙ୍ଗୀ ପତାକା ଉତ୍ତୋଳନ କରାଯାଇ ବାର୍ଷିକ ଯଜ୍ଞ ଆରମ୍ଭ ହୋଇଥିଲା। ଯଜ୍ଞରେ ମୁଖ୍ୟ ପୁରୋଧା ଭାବେ ଶିବ ପ୍ରସାଦ ଶତପଥୀ କାର୍ଯ୍ୟ ସମ୍ପାଦନ କରିଥିଲେ । କାମାକ୍ଷା ପ୍ରସାଦ ହୋତା ଓ ସଞ୍ଜୟ ଶତପଥୀ ସହଯୋଗ କରିଥିଲେ ।। ସନ୍ଧ୍ୟା ୬ଟାରେ ରାଜ୍ୟ ସଭାପତି ଡା. ମହେଶ୍ୱର ସ୍ୱାଇଁଙ୍କ ପୌରୋହିତ୍ୟରେ ସମିତିର ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥଲା । ଏଥିରେ ରାଜ୍ୟ ଉପସଭାପତି ସୁରେଶଚନ୍ଦ୍ର ସାହୁ, ପୂର୍ବତନ ରାଜ୍ୟ ସଭାପତି ରାମଚନ୍ଦ୍ର ମହାରଣା, ରାଜ୍ୟ ସମ୍ପାଦକ କାଳନ୍ଦୀ ଚରଣ ବେହେରା ଓ କୋଷାଧ୍ୟକ୍ଷ ପ୍ରେମାନନ୍ଦ ନାୟକ, ରାଜ୍ୟ କୋର କମିଟି ସଦସ୍ୟ ରଞ୍ଜନ କୁମାର ଲେଙ୍କା, ଉମାକାନ୍ତ ପଲେଇ, ନବକିଶୋର ବେହେରା ଓ ଜଗନ୍ନାଥ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ମ୍ୟାନେଜର ନିଯୁକ୍ତି, ଶୂନ୍ୟ ଦୁର୍ଘଟଣାକୁ ପ୍ରାଧାନ୍ୟ

## ଖଣି ଲିଜ୍‌ଧାରୀଙ୍କୁ ସଚେତନତାର ପାଠ ପଢ଼ାଗଲା

ଢେଙ୍କାନାଳ,୩୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୋପାଳପୁର ପଥର ଖଣିରେ ବିସ୍ଫୋରଣ ଘଟି ୨ ଶ୍ରମିକଙ୍କ ମୃତ୍ୟୁ ପରେ ଖଣି ବିଭାଗର ଚେତା ପଶିଛି । ସୁରକ୍ଷିତ ଖଣି ଖନନ ଓ କାର୍ଯ୍ୟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖଣି ବିଭାଗ ପକ୍ଷରୁ ଶୁକ୍ରବାର ଖଣି ମାଲିକମାନଙ୍କୁ ଖଣି ସୁରକ୍ଷା ସମ୍ପର୍କିତ ପାଠ ପଢାଯାଇଛି । ଢେଙ୍କାନାଳ ମହିଷାପାଟସ୍ଥିତ ଭୂତତ୍ତ୍ୱ ବିଭାଗ ସମ୍ମିଳନୀ କକ୍ଷରେ ଜିଲାରେ ଥିବା ବିଭିନ୍ନ ଖଣି ମାଲିକ ଓ କର୍ମଚାରୀମାନଙ୍କୁ ଖଣି ଖନନ ସମ୍ପର୍କିତ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମରେ ସଚେତନ କରାଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଓଡ଼ାପଡ଼ା ତହସିଲ ଅଞ୍ଚଳର ୧୭, ହିନ୍ଦୋଳ ତହସିଲ ଅଞ୍ଚଳର ୨୦ ସମେତ ଗଁନ୍ଦିଆ ତହସିଲର ନିହାଲପ୍ରସାଦ ଅଞ୍ଚଳର ଖଣି ଲିଜଧାରୀମାନେ ଯୋଗଦେଇଥିଲେ । ରାଜ୍ୟ ଖଣି ବିଭାଗର ସୁରକ୍ଷା ନିର୍ଦ୍ଦେଶକ ଅବନିଶ କୁମାର ମିଶ୍ର ଯୋଗଦେଇ ଖଣିରେ ସୁରକ୍ଷିତ ଭାବରେ କିଭଳି କାର୍ଯ୍ୟ କରାଯିବ ସେ ସମ୍ପର୍କରେ ସଚେତନ କରାଯିବା ସହ ସରକାରଙ୍କ ଖଣି ନିୟମାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ପ୍ରତ୍ୟେକ ଖଣିରେ ଖଣି ମ୍ୟାନେଜର ନିଯୁକ୍ତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ଖଣିରେ ସୁରକ୍ଷିତ ଭାବେ କାର୍ଯ୍ୟ ହେବାସହ ଶୂନ୍ୟ ଦୁର୍ଘଟଣା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ । ଶ୍ରମିକମାନେ ହେଲମେଟ ସହିତ ସୁରକ୍ଷା ସରଞ୍ଜାମ ବ୍ୟବହାର କରିବେ । ଏହି ସଚେତନତା କାର୍ଯ୍ୟକ୍ରମରେ ଖଣି ସୁରକ୍ଷା ବିଭାଗର ଉପନିର୍ଦ୍ଦେଶକ ବି. ହରିପ୍ରସାଦ, ଢେଙ୍କାନାଳ ଜିଲା ଭୂତତ୍ତ୍ୱ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଧର୍ମେନ୍ଦ୍ର ଶର୍ମା, ଉପ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ସେଠୀ, ଖଣି ବିଭାଗର ଉପ ନିର୍ଦ୍ଦେଶକ ଶୁଭେନ୍ଦୁ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଖଣିରେ ମ୍ୟାନେଜର ରହିଲେ ତାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ହେବ ଏବଂ ନୀତି ନିୟମକୁ ପାଳନ କଲେ ଦୁର୍ଘଟଣା ଘଟିବ ନାହିଁ ବୋଲି ଅଧିକାରୀମାନେ କହିଥିଲେ ।




ସଚେତନତା କାର୍ଯ୍ୟକ୍ରମରେ ଅଧିକାରୀମାନେ ।

